# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28 May – 2024**

# ଷ୍ଟାର୍ ପ୍ରଚାରକ

ରାଜ୍ୟରେ ଆସନ୍ତା ଜୁନ୍ ୧ ତାରିଖ ଶନିବାର ଦିନ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଏଥିଲାଗି ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ବାରିପଦାର ଛଉପଡ଼ିଆ, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ।

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଚାନ୍ଦବାଲି, ପାଣିକୋଇଲି ଏବଂ ନିମାପଡ଼ାଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବଡ଼ଚଣା, ଧର୍ମଶାଳା ଓ ବିଂଝାରପୁରରେ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବାଲେଶ୍ୱର ଏବଂ ଭଦ୍ରକରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ଥିବା ବେଳେ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ  ପ୍ରଚାରର ଶେଷଦିନ ଆସନ୍ତା ୩୦ ତାରିଖ ଗୁରୁବାର ଦିନ ବାଲେଶ୍ୱରରେ ପ୍ରଚାର କରିବେ ।

## ଗାଡ଼ି ଚାଳନା-ମୋବାଇଲ୍ ବ୍ୟବହାର

ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର ଯୋଗୁଁ ଗତବର୍ଷ ରାଜ୍ୟରେ ୪୩୩ଟି ସଡ଼କ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ପରିବହନ ବିଭାଗ ସୂଚନା ଅନୁଯାୟୀ ଏହି ଦୁର୍ଘଟଣାରେ ୧୬୩ ଜଣଙ୍କର ମୃତ୍ୟୁ ଘଟିଥିଲା । ଗାଡ଼ି ଚଳାଇବା ବେଳେ ଚାଳକମାନେ ମୋବାଇଲ୍ ବ୍ୟବହାର ନ କରିବା ନେଇ ୨୦୧୯ ମସିହାରୁ ନିୟମ କରାଯାଇଛି ।

## ବିମାନସେବା

ଭୁବନେଶ୍ୱରରୁ କୁଆଲାଲମ୍ପୁର ମଧ୍ୟରେ ଆଜିଠାରୁ ଏୟାର ଏସିଆର ସିଧାସଳଖ ବିମାନସେବା ଆରମ୍ଭ ହେବ । ବିମାନଟି କୁଆଲାଲମ୍ପୁରରୁ ରାତି ୧୦ଟା ୧୦ରେ ବାହାରି ଭୁବନେଶ୍ୱରରେ ରାତି ୧୧ଟା ୨୦ ମିନିଟ୍‌ରେ ପହଞ୍ଚିବ । ସେହିପରି ଭୁବନେଶ୍ୱରରୁ ରାତି ୧୧ଟା ୫୦ରୁ ଉଡ଼ାଣ କରି ରାତି ଗୋଟାଏ ୧୦ ମିନିଟ୍‌ରେ କୁଆଲାଲମ୍ପୁରରେ ପହଞ୍ଚିବ । ସପ୍ତାହରେ ୩ ଦିନ ମଙ୍ଗଳବାର, ଗୁରୁବାର ଏବଂ ଶନିବାର ଏହି ବିମାନ ଚଳାଚଳ କରିବ ।

## ଦୌଡ଼କୁଦ-ଚୟନପ୍ରକ୍ରିୟା

ଭୁବନେଶ୍ୱରରେ ହେବାକୁ ଥିବା ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଆସନ୍ତାକାଲିଠାରୁ କ୍ରୀଡ଼ାବିତ୍ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ । ଏଥିରେ ୧୪, ୧୬ ଓ ୧୮ ବର୍ଷ ବୟସର

ଛାତ୍ରଛାତ୍ରୀମାନେ ଭାଗ ନେଇପାରିବେ । ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ୍ ଖେଳପଡ଼ିଆ ଠାରେ ଏହି ଚୟନ ପ୍ରକ୍ରିୟା ହେବ ବୋଲି ଜଣାପଡ଼ିଛି ।

## ଓପିଏସ୍‌ସି-ଅଧ୍ୟକ୍ଷ

ପ୍ରଫେସର ସରିତା ସୁପକାର ଓଡ଼ିଶା ଲୋକସେବା ଆୟୋଗ-ଓପିଏସ୍‌ସିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରଥମ ମହିଳା ଅଧ୍ୟକ୍ଷ ଭାବେ ପ୍ରଫେସର ସୁପକାର ନିଯୁକ୍ତି ପାଇଛନ୍ତି । ପୂର୍ବରୁ ପ୍ରଫେସର ସୁପକାର ଓପିଏସ୍‌ସିର ସଦସ୍ୟା ଭାବେ କାର୍ଯ୍ୟରତ ଥିଲେ ।

## ଡିଏମ୍‌ଇଟି ଅଧ୍ୟକ୍ଷ

ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ରଙ୍କୁ ରାଜ୍ୟ ସରକାର ମେଡ଼ିକାଲ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ ଡି.ଏମ୍.ଇ.ଟି.ର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଛନ୍ତି । ଏ ନେଇ ବିଭାଗୀୟ ବିଜ୍ଞପ୍ତି ପ୍ରକାଶ ପାଇଛି । ଡାକ୍ତର ମିଶ୍ର ଏବେ ବ୍ରହ୍ମପୁର ଏମ୍.କେ.ସି.ଜି. ମେଡ଼ିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷ ଅଛନ୍ତି ।

## ଯକ୍ଷ୍ମାରୋଗ-ଔଷଧ

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଯକ୍ଷ୍ମା ଔଷଧର ଯୋଗାଣ ଆରମ୍ଭ ପରେ ଖୁବ୍‌ଶୀଘ୍ର ରାଜ୍ୟର ସବୁ ଜିଲ୍ଲାରେ ଏହି ଔଷଧ ଉପଲବ୍ଧ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି ।  ଚଳିତବର୍ଷରୁ ରାଜ୍ୟ ସରକାର ଆବଶ୍ୟକ ଅନୁସାରେ ୨୫ ପ୍ରତିଶତ ଆଗୁଆ ଯକ୍ଷ୍ମା ଔଷଧ କିଣିବା ପାଇଁ

ନିଷ୍ପତ୍ତି ନେଇଛନ୍ତି । ସୂଚନା ଅନୁସାରେ ଗତବର୍ଷ ରାଜ୍ୟରେ ୬୨ ହଜାର ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ । ୨୦୨୫ ମସିହା ସୁଦ୍ଧା ଓଡ଼ିଶାକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି ।

## ନାଲ୍‌କୋ-ଲାଭାଂଶ

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ ୨୦୨୩-୨୪ ଆର୍ଥିକ ବର୍ଷରେ ୨ ହଜାର ୬୦ କୋଟି ଟଙ୍କା ଲାଭ କରିଛି । କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆର୍ଥିକ ବର୍ଷର  ଚତୁର୍ଥ ତ୍ରୈମାସିକରେ କମ୍ପାନୀ ୯୫ ପ୍ରତିଶତ ଲାଭାଂଶ ବୃଦ୍ଧି ସହ ୧ ହଜାର ୧୬ କୋଟି ଟଙ୍କା ଲାଭ କରିଛି । ୨୦୨୨-୨୩ ଆର୍ଥିକ ବର୍ଷର ଏହି ସମୟରେ କମ୍ପାନୀ ୫୨୬ କୋଟି ଟଙ୍କା ଲାଭ କରିଥିଲା ।

## କାନ୍ସ ଫେଷ୍ଟିଭାଲ୍

କାନ୍ସ ଚଳଚ୍ଚିତ୍ର ମହୋତ୍ସବରେ ଓଡ଼ିଶାର ହସ୍ତତନ୍ତକୁ ପ୍ରଶଂସା କରାଯାଇଛି । ଚଳଚ୍ଚିତ୍ର ନିର୍ମାତା ବିଶ୍ୱନାଥ ରଥ କୋଟପାଡ଼ ହସ୍ତତନ୍ତର ପ୍ରଦର୍ଶନ ସହ ହାବାସ୍‌ପୁରୀ ହସ୍ତତନ୍ତ ଉପରେ ଫିଚର୍, ଡକୁମେଣ୍ଟାରୀ, ହାବାସପୁରୀ ୱେଭିଙ୍ଗ୍- **ଦ ସେକେଣ୍ଡ ଆଣ୍ଡ୍ ଲାଷ୍ଟ୍ ଡେଥ୍** ପୋଷ୍ଟର ପ୍ରସ୍ତୁତ କରିଥିଲେ, ଯାହାକୁ ପ୍ରଶଂସା କରାଯାଇଛି ।

## ନାମଲେଖା

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର-ପିଜି ନାମଲେଖା ପାଇଁ ଆବେଦନ ଗତକାଲି ଶେଷ ହୋଇଛି । ୧୧୩ଟି ଉଚ୍ଚଶିକ୍ଷାନୁଷ୍ଠାନର ୨୮ ହଜାର ୯୨୬ଟି ପିଜି ଆସନ ପାଇଁ ଅଣଷଠୀ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଆବେଦନ କରିଥିବା ଜଣାପଡ଼ିଛି । ଆସନ୍ତାମାସ ଜୁନ୍ ୨୨ ତାରିଖରୁ ପ୍ରବେଶପତ୍ର ମିଳିବ ବୋଲି ସାମ୍ସ୍ ୱେବ୍‌ସାଇଟ୍‌ରୁ ସୂଚନା ମିଳିଛି ।

---

## ମୌସୁମୀ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୪ ଦିନ ମଧ୍ୟରେ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଚଳିତବର୍ଷ ମୌସୁମୀ ପ୍ରଭାବରେ ଓଡ଼ିଶା ସମେତ ଅନ୍ୟ କେତେକ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

---

## ତାପମାତ୍ରା

ରାଜ୍ୟରେ ଆଜିଠାରୁ ଦିନ ତାପମାତ୍ରା ୩ରୁ ୫ ଡିଗ୍ରୀ ବୃଦ୍ଧି ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ବାତ୍ୟା ରେମାଲ୍ ପଶ୍ଚିମବଙ୍ଗର ଉପକୂଳ ଛୁଇଁଥିବା ପରେ  ଏହାର ପ୍ରଭାବରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି । ରାଜ୍ୟର ୮ଟି ସହରର

ତାପମାତ୍ରା ଗତକାଲି ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୨ ଦଶମିକ ୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା ।